ଜିଲ୍ଲା ପରିବହନ ସଞ୍ଚାଳକ (ପ୍ରଶାସନ) ଓ.ଏସ.ଆର.ଟି.ସି., ଓଡ଼ିଶା

ବନାମ

ଦିଲୀପ କୁମାର ନାୟକ ଏବଂ ଅନ୍ୟଜଣେ

ନଭେମ୍ବର 29, 1996

[କେ. ରାମସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିଳ୍ପ ବିବାଦ ଅଧିନିୟମ, 1947: ଧାରା 33 (1) (ଏ) ଏବଂ 33-ଏ ।*

*ପରିବହନ ନିଗମ-ବ୍ୟବସାୟର ଦକ୍ଷ କାର୍ଯ୍ୟନିବାହ ଏବଂ ପରିବହନର ସମନ୍ୱିତ ସେବା ପାଇଁ ସୃଷ୍ଟି ହୋଇଥିବା ଅନେକ ଅଞ୍ଚଳ -ପ୍ରତ୍ୟେକ ଅଞ୍ଚଳ ଏହାର ପରିଚାଳନାଗତ ସାମର୍ଥ୍ୟ ପାଇଁ ସ୍ୱାଧୀନ-ଏକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଉତ୍ତରଦାତା-କଣ୍ଡକ୍ଟର-ଅସଦାଚରଣ ପାଇଁ ବରଖାସ୍ତ- ଏହି ଆଧାରରେ ଆପତ୍ତି ଯେ ଶିଳ୍ପ ନ୍ୟାୟାଧିକରଣଙ୍କ ଅନୁମୋଦନ ବିନା ତାଙ୍କ ସେବା ସମାପ୍ତ ହୋଇପାରିବ ନାହିଁ କାରଣ ଅନ୍ୟ ଅଞ୍ଚଳରେ ଜଣେ କର୍ମଚାରୀଙ୍କ ସହ ଜଡିତ ବିବାଦ ଶିଳ୍ପ ନ୍ୟାୟାଧିକରଣଙ୍କ ପାଖରେ ବିଚାରଧୀନ ଥିଲା -ନ୍ୟାୟାଧିକରଣଙ୍କ ଦ୍ୱାରା ଦାବି ଖାରଜ -ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏଭଳି ବରଖାସ୍ତ, ଆଇନ ଆଖିରେ ମନ୍ଦ ଥିଲା – ଆବେଦନ - ନିର୍ଣ୍ଣିତ- ସମସ୍ତ ଅଞ୍ଚଳ ଏକକ ଭାବରେ ସମନ୍ୱିତ ପରିବହନ ସେବାର ଏକ ଅବିଚ୍ଛେଦ୍ୟ ଅଙ୍ଗ କିମ୍ବା ଅଂଶବିଶେଷ ନୁହେଁ -ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଏହା ଯେ ସମସ୍ତ ଅଞ୍ଚଳ ନିଗମର ଏକ ଅବିଚ୍ଛେଦ୍ୟ ଏକକ ଭାବରେ ବିବେଚନା କରାଯିବ ଏବଂ ଏକ ଭିନ୍ନ ଅଞ୍ଚଳର ଜଣେ କର୍ମଚାରୀଙ୍କ ସମ୍ବନ୍ଧିତ ବିଚାରଧୀନ ଶିଳ୍ପ ବିବାଦର ପରିଚାଳନା ପାଇଁ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ଜଣେ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ହେବ, ତାହା ସ୍ପଷ୍ଟ ଭାବରେ ଭୁଲ ଅଟେ-ଏପରି କ୍ଷେତ୍ରରେ ପରିଚାଳନାକୁ ଅଧିନିୟମ 33-ଏ ଅନୁଯାୟୀ ଶିଳ୍ପ ନ୍ୟାୟାଧିକରଣଙ୍କ ଅନୁମତି ନେବା ଏବଂ ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ ।*

*ଇଶା ଷ୍ଟିଲ୍ ଟ୍ରିଟମେଣ୍ଟ, ବମ୍ବେ ବନାମ ଆସୋସିଏସନ ଅଫ୍ ଇଞ୍ଜିନିୟରିଂ ୱାର୍କର୍ସ ବମ୍ବେ ଏବଂ ଅନ୍ୟଜଣେ,* **[1987] 2 ଏସସିସି 203 ଏବଂ** *ୱାର୍କମେନ ବନାମ ଷ୍ଟ୍ର ବୋର୍ଡ ମାନୁଫାକ୍ଚରିଂ କମ୍ପାନୀ ଲିମିଟେଡ୍,* **[1974] ଏସସିସି 681 ଉପରେ ନିର୍ଭର କରାଗଲା ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 15606/1996

ତା 19.7.91 ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଓ. ଜେ. ସି. ସଂଖ୍ୟା 1970/1989 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀ ପାଇଁ ଏ. କେ. ପଣ୍ଡା ।

ଉତ୍ତରଦାତାମାନଙ୍କ ପାଇଁ ସୁଶ୍ରୀ ଶାରଦା ଦେବୀ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା ଦିଆଗଲା

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ 19 ଜୁଲାଇ 1991ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଓଜେସି ସଂଖ୍ୟା 1970/89 ରେ ପ୍ରଦାନ କରାଯାଇଥିବା ଦୁଇଜଣିଆ ଖଣ୍ଡପୀଠଙ୍କ ରାୟରୁ  ଆସିଛି । ଉତ୍ତରଦାତା ସଂଖ୍ୟା 1 ଆବେଦନକାରୀ-ନିଗମରେ ଜଣେ ପରିବାହକ ଥିଲେ । ଯେତେବେଳେ ସେ ବାରିପଦା ଜିଲ୍ଲାରେ ଅବସ୍ଥାପିତ ଥିଲେ, ସେ ଅସଦାଚରଣ କରିଥିଲେ । ତାଙ୍କ ବିରୋଧରେ ଶୃଙ୍ଖଳାଗତ ତଦନ୍ତ କରାଯାଇଥିଲା ଏବଂ ତାଙ୍କ ଅସଦାଚରଣର ପ୍ରମାଣ ଆଧାରରେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା, ଯେତେବେଳେ କି ଶିଳ୍ପ ବିବାଦ ଅଧିନିୟମ, 1947 (ସଂକ୍ଷେପରେ, "ଅଧିନିୟମ") ର ଧାରା 10 (1) (ଡି) ଅନୁଯାୟୀ ଶିଳ୍ପ ବିବାଦ ମାମଲା ସଂଖ୍ୟା 25/1981 ର ନିର୍ଣ୍ଣୟ ବିଚାରାଧୀନ ଥିଲା । ଏହି ଅଧିନିୟମର ଧାରା 33 (1) (ଏ) ଅନୁଯାୟୀ ଉତ୍ତରଦାତା ଏକ ଆବେଦନ ଦାଖଲ କରି ଯୁକ୍ତି ଦର୍ଶାଇଥିଲେ ଯେ ଭଦ୍ରକ ଅଞ୍ଚଳରେ ଜଣେ କର୍ମଚାରୀଙ୍କ ସହ ଜଡ଼ିତ ବିବାଦ ଶିଳ୍ପ ନ୍ୟାୟାଧିକରଣରେ ବିଚାରାଧୀନ ଥିବାରୁ ଧାରା 33-ଏ ଅନୁଯାୟୀ ନ୍ୟାୟାଧିକରଣଙ୍କ  ଅନୁମତି ବିନା ତାଙ୍କ ସେବା ସମାପ୍ତ ହୋଇପାରିବ ନାହିଁ । ନ୍ୟାୟାଧିକରଣ ଆବେଦନକୁ ଖାରଜ କରିଦେଇଥିଲେ କିନ୍ତୁ ଆଜ୍ଞାଦେଶ ଅବେଦନରେ ଦୁଇଜଣିଆ ଖଣ୍ଡପୀଠ ଆକ୍ଷେପିତ ରାୟରେ ଆଦେଶକୁ ରଦ୍ଦକରି ନିର୍ଣ୍ଣୟ ଦେଇଛନ୍ତି ଯେ ଏହି ବରଖାସ୍ତ ଆଦେଶ ଆଇନ ପାଇଁ ଭଲ ନୁହେଁ । ବର୍ତ୍ତମାନ ଏହା ସ୍ୱୀକାର କରାଯାଉଛି ଯେ ଏହି ଆବେଦନ ବିଚାରାଧୀନ ଥିବାବେଳେ, ଉତ୍ତରଦାତାଙ୍କୁ ସେପ୍ଟେମ୍ବର 1993 ମସିହାରେ ତାଙ୍କ ପ୍ରତିଶ୍ରୁତି ଉପରେ ପୁନଃସ୍ଥାପିତ କରାଯାଇଥିଲା ଯେ ସେ କୌଣସି ପିଛିଲା-ମଜୁରୀ ଦାବି  କରିବେ ନାହିଁ ।

ପ୍ରଶ୍ନ ହେଉଛି: ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରେ ଠିକ୍ କି? ଏହା ବିବାଦରେ ନାହିଁ ଯେ ପ୍ରଶାସନିକ ସୁବିଧା, ସାମର୍ଥ୍ୟ ଏବଂ ସମନ୍ୱିତ ପରିବହନ ପରିଚାଳନା ଏବଂ ବ୍ୟବସାୟର କାରବାର ପାଇଁ ନିଗମ ଏହାର ପ୍ରସ୍ତାବ ଦ୍ୱାରା ମୋଟର ଯାନ ଅଧିନିୟମ ଅନୁଯାୟୀ ଏହାର କାର୍ଯ୍ୟ କ୍ଷେତ୍ର ସମ୍ବନ୍ଧରେ ଖଣ୍ଡ, ଅଞ୍ଚଳ ଏବଂ ସ୍ୱତନ୍ତ୍ର ଅଞ୍ଚଳ ସୃଷ୍ଟି କରିଥିଲା । ଉତ୍ତରଦାତା ବାରିପଦା ଅଞ୍ଚଳରେ କାମ କରୁଥିବା ବେଳେ ବିଚାରାଧୀନ ଶିଳ୍ପ ବିବାଦ ମାମଲା ଭଦ୍ରକ ଅଞ୍ଚଳରେ କାମ କରୁଥିବା କର୍ମଚାରୀଙ୍କ ସହ ଜଡ଼ିତ ଥିଲା ।

ଏହା ଦେଖିବାକୁ ମିଳିଛି ଯେ *ଇଶା ଷ୍ଟିଲ୍ ଟ୍ରିଟମେଣ୍ଟ, ବମ୍ବେ ବନାମ ଆସୋସିଏସନ୍ ଅଫ୍ ଇଞ୍ଜିନିୟରିଂ ୱାର୍କର୍ସ, ବମ୍ବେ ଆଣ୍ଡ ଅନ୍ୟଜଣେ,* [1987] 2 ଏସ. ସି. ସି. 203 ମାମଲାରେ ଏହି ନ୍ୟାୟାଳୟ ସମାନ ପ୍ରଶ୍ନ ଉପରେ ନିର୍ଣ୍ଣୟ କରିଥିଲେ ଯେ ଚର୍ଚ୍ଚ ଗେଟରେ ଥିବା କାର୍ଯ୍ୟାଳୟ ଏବଂ ଟ୍ରମ୍ବେରେ ଥିବା କାରଖାନା ମଧ୍ୟରେ କାର୍ଯ୍ୟାତ୍ମକ ଅଖଣ୍ଡତା ଅଛି କି ନାହିଁ । ଏହା କୁହାଯାଇଥିଲା ଯେ କୌଣସି କାର୍ଯ୍ୟାତ୍ମକ ଅଖଣ୍ଡତାର ଅନୁପସ୍ଥିତିରେ,

ସ୍ୱାଧୀନ ଏକକ ଭାବରେ ପୃଥକ କାର୍ଯ୍ୟାଳୟ ସୃଷ୍ଟି କରାଯାଇପାରିବ, ଏବଂ ସେଗୁଡ଼ିକୁ ଏକକ ଭାବରେ ବିବେଚନା କରାଯାଇପାରିବ ନାହିଁ । ଏହାର ସମର୍ଥନରେ, ଏହି ନ୍ୟାୟାଳୟ *ୱାର୍କମେନ ବନାମ କ୍ଷ୍ରୁ ବୋର୍ଡ ମାନୁଫାକ୍ଚରିଂ କମ୍ପାନୀ ଲିମିଟେଡ୍,* [1974] SCC 681 ମାମଲାରେ ପ୍ରଦାନ କରାଯାଇଥିବା ଏକ ପୂର୍ବ ରାୟ ଉପରେ ନିର୍ଭର କରିଥିଲେ । ଏହି ମାମଲାର ତଥ୍ୟ ପାଇଁ ସେହି ସମାନ ଅନୁପାତ ପ୍ରଯୁଜ୍ୟ । ଯେପରି ପୂର୍ବରୁ କୁହାଯାଇଛି, ବ୍ୟବସାୟର ଦକ୍ଷ କାରବାର ଏବଂ ପରିବହନ ପରିଚାଳନାର ସମନ୍ୱିତ ସେବା ପାଇଁ ନିଗମ ଦ୍ୱାରା ଅନେକ ଅଞ୍ଚଳ ସୃଷ୍ଟି କରାଯାଇଛି ଏବଂ ପ୍ରତ୍ୟେକ ଅଞ୍ଚଳ ଏହାର ପରିଚାଳନାଗତ ସାମର୍ଥ୍ୟରେ ସ୍ୱାଧୀନ । ତେଣୁ, ସମସ୍ତ ଅଞ୍ଚଳ ଏକକ ଭାବରେ ସମନ୍ୱିତ ପରିବହନ ସେବାର ଏକ ଅବିଚ୍ଛେଦ୍ୟ ଅଙ୍ଗ କିମ୍ବା ଅଂଶ ନୁହେଁ । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତି ଏହା ଯେ ସମସ୍ତ ଅଞ୍ଚଳକୁ ନିଗମର ଏକ ଅବିଚ୍ଛେଦ୍ୟ ଏକକ ଭାବରେ ବିବେଚନା କରାଯିବ ଏବଂ ଏକ ଭିନ୍ନ ଅଞ୍ଚଳର ଜଣେ କର୍ମଚାରୀଙ୍କ ସମ୍ପର୍କରେ ବିଚାରଧୀନ ଶିଳ୍ପ ବିବାଦ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ଜଣେ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିଚାଳନା ପାଇଁ ଏକ ପ୍ରତିବନ୍ଧକ ହେବ, ତାହା ସ୍ପଷ୍ଟ ଭାବରେ ଏକ ଭୁଲ ଅଟେ । ଆମର ମତ ହେଉଛି ଯେ ଏପରି କ୍ଷେତ୍ରରେ ଅଧିନିୟମର ଧାରା 33-ଏ ଅନୁଯାୟୀ ଶିଳ୍ପ ନ୍ୟାୟାଧିକରଣର ଅନୁମତି ନେବା ଏବଂ ଗ୍ରହଣ କରିବା, ପରିଚାଳନା ପାଇଁ କୌଣସି ଆବଶ୍ୟକତା ନାହିଁ ।

ତଦନୁସାରେ ଆବେଦନର ଫଇସଲା କରାଗଲା । ତଥାପି, ଆବେଦନକାରୀ ଏବଂ ଶ୍ରମିକମାନଙ୍କ ମଧ୍ୟରେ ବୁଝାମଣାକୁ ଦୃଷ୍ଟିରେ ରଖି ଏବଂ ଯେହେତୁ ସେ ପୂର୍ବରୁ କୌଣସି ପିଛିଲା-ମଜୁରି ବିନା ପୁନଃସ୍ଥାପିତ ହୋଇସାରିଛନ୍ତି, ଉତ୍ତରଦାତାଙ୍କୁ ସେବା ଜାରି ରଖିବା ପାଇଁ ଏହି ଆଦେଶ ଏକ ପ୍ରତିବନ୍ଧକ ଭାବରେ ରହିବ ନାହିଁ । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଟି.ଏନ୍.ଏ. ଆବେଦନକୁ ନିକାଶ କରାଗଲା ।

**ଅସ୍ୱୀକରଣ**

*"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"*

***ଭାଷାନ୍ତର:***
*ଶ୍ରୀ ଜଟାଧାରୀ ସେଠୀ*
*ଅନୁବାଦକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ*